ଆଞ୍ଚଳିକ

About Us | Feedback | Guestbook | Contact Us

Monday,12 Dec 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ଜାତୀୟ ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦରେ ନୀରବ ଶୋଭାଯାତ୍ରା

୧୬ରେ ଯନ୍ତରମନ୍ତରଠାରେ ଧାରଣା -- ଭୁବନେଶ୍ୱର (ନି.ପ୍ର.)- ଭୁବନେଶ୍ୱରରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତିବାଦରେ ଡିସେମବର ୧୬ ତାରିଖରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଦଳମତ ନିର୍ବିଶେଷରେ ସାଂସଦ ଓ ରାଜ୍ୟବାସୀଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ସାଂସଦ ଅର୍ଚ୍ଚନା ନାୟକ କହିଛନ୍ତି । ଆଗାମୀ ଓଡ଼ିଶା ପକ୍ଷରୁ ଜାତୀୟ ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତିର ପ୍ରତିବାଦରେ ଆଜି ଏକ ନୀରବ ଶୋଭାଯାତ୍ରା କରାଯାଇ ରାଜ୍ୟପାଳ ରାମେଶ୍ୱର ଠାକୁରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ଶୋଭାଯାତ୍ରାରେ ବିଜେପିର ରାଷ୍ଟ୍ରୀୟ ଯୁବମୋର୍ଚ୍ଚାର ଅଧ୍ୟକ୍ଷ ଧର୍ମେନ୍ଦ୍ର ପ୍ରଧାନ, ବିଜେଡ଼ି ସାଂସଦ ମୋହନ ଜେନା ଓ ଅର୍ଚ୍ଚନା ନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ କେନ୍ଦ୍ର ସରକାରଙ୍କ ଏହିଭଳି ନିଷ୍ପତ୍ତିର ପ୍ରତିବାଦ କରିଥିଲେ । ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ଲାଗି ଗତ ଏନଡିଏ ସରକାରରେ ନିଷ୍ପତ୍ତି ନିଆଯାଇଥିଲା । ଏହି କେନ୍ଦ୍ର ଭୁବନେଶ୍ୱରଠାରେ ସ୍ଥାପନ କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୭୫ ଏକର ଜମି ଯୋଗାଇ ଦିଆଯିବାକୁ ୟୁଜିସିକୁ ଲିଖିତଭାବେ ଜମିର ବିବରଣୀ ସହିତ ଜଣାଇ ଦିଆଯାଇଥିଲା, ମାତ୍ର କେନ୍ଦ୍ର ସରକାର ଏହି କେନ୍ଦ୍ରକୁ ଭୁବନେଶ୍ୱରରୁ ପଶ୍ଚିମବଙ୍ଗକୁ ସ୍ଥାନାନ୍ତର କରିବାପାଇଁ ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟଜନକ । ଏହା ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନର ପ୍ରଶ୍ନ ହୋଇଥିବାରୁ ଦଳମତ ନିର୍ବିଶେଷରେ ଏହି ଆନ୍ଦୋଳନରେ ସାମିଲ ହେବାକୁ ସାଂସଦ ଶ୍ରୀମତୀ ନାୟକ ଆହ୍ୱାନ ଦେଇଛନ୍ତି । ଜାତୀୟ ବିଜ୍ଞାନ କେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଆଗାମୀ ଓଡ଼ିଶା ପକ୍ଷରୁ କୁହାଯାଇଛି ।





Ph





About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)